# ଓଡ଼ିଶା ବିଧାନସଭା

## ତୃତୀୟ ଅଧିବେଶନ

## ମୌଖିକ ଉତ୍ତର ନିମନ୍ତେ ପ୍ରଶ୍ନାବଳୀ

## ୨୯ ମାର୍ଚ୍ଚ, ୨୦୨୫

----

[ଅବକାରୀ - ମହିଳା ଓ ଶିଶୁ ବିକାଶ - ନିର୍ମାଣ - ଆଇନ - ମିଶନ ଶକ୍ତି - ଉପ ମୁଖ୍ୟମନ୍ତ୍ରୀ - ପର୍ଯ୍ୟଟନ ].

**ମୋଟ ପ୍ରଶ୍ନର ସଂଖ୍ୟା 32**

----

### ଜଗନ୍ନାଥଙ୍କ ଜମି ଜବର ଦଖଲ ମୁକ୍ତ କରିବା

***332 ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ)ଃ**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ଓଡିଶାରେ କେଉଁ କେଉଁ ଜିଲ୍ଲାର କେଉଁ କେଉଁ ଠାରେ କେତେ ଜମି ଜଗନ୍ନାଥ ମହାପ୍ରଭୁଙ୍କ ନାମରେ ଥିବା ଜମିକୁ କେଉଁ କେଉଁ ମାନେ କେବେଠାରୁ ଜବରଦଖଲରେ ରଖିଛନ୍ତି ଓଡିଶା ବାହାରେ ଜଗନ୍ନାଥ ମହାପ୍ରଭୁଙ୍କ କେତେ ଜମି କେଉଁ କେଉଁ ଠାରେ ଅଛି ସେଥିରୁ କେତେ ଜମି କେଉଁ କେଉଁ ମାନଙ୍କ ଦ୍ୱାରା ଜବରଦଖଲରେ ଅଛି ସମସ୍ତ ଜବର ଦଖଲ ଜମିରୁ ଉଚ୍ଛେଦ ପାଇଁ କଣ ପଦକ୍ଷେପ ନେଇଛନ୍ତି ?

----

### କଏଦୀମାନଙ୍କ ପିଲାମାନଙ୍କୁ ଶିକ୍ଷାଦାନର ସୁଯୋଗ

***387 ଶ୍ରୀ ପ୍ରଶାନ୍ତ ବେହେରା (ସାଲେପୁର)ଃ**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କିଃ- ରାଜ୍ୟରେ ଜେଲମାନଙ୍କରେ ଥିବା କଏଦୀମାନଙ୍କ ପିଲାମାନଙ୍କୁ ଶିକ୍ଷାଦାନର ସୁଯୋଗ ପ୍ରଦାନ ପାଇଁ ସରକାରଙ୍କ ପ୍ରସ୍ତାବ ଅଛିକି, ଉତ୍ତର ହଁ ହେଲେ ସେ ଦିଗରେ କି ପଦକ୍ଷେପ ନିଆଯାଉଅଛି ?

----

## ଛତୁଆ ତଥା ଖାଦ୍ୟ ଦ୍ରବ୍ୟ ଯୋଗାଣ ସମ୍ପର୍କରେ

*661 **ଶ୍ରୀ ମାଧବ ଧଡା (ସୋରୋ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଅଙ୍ଗନବାଡି କେନ୍ଦ୍ରମାନଙ୍କୁ କେଉଁ ପଦ୍ଧତିରେ SNP କାର୍ଯ୍ୟକ୍ରମରେ ଛତୁଆ ତଥା ଖାଦ୍ୟ ଦ୍ରବ୍ୟ କିପରି ଭାବରେ ଏବଂ କେଉଁ ସଂସ୍ଥା ମାଧ୍ୟମରେ ଯୋଗାଯାଉଛି ଓ ଯୋଗାଯାଉଥିବା ଖାଦ୍ୟର ଗୁଣାତ୍ମକମାନ ରକ୍ଷା କରିବା ପାଇଁ ନିଆଯାଉଥିବା ପଦକ୍ଷେପ ସଂପର୍କରେ ସୂଚନା ଦେବା ସହିତ ସୋର ଓ ବାହାନଗା ବ୍ଲକରେ କେତୋଟି ସଂସ୍ଥାକୁ ଉକ୍ତ ଖାଦ୍ୟ ଦ୍ରବ୍ୟ ଯୋଗାଇବା ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି, ଏହି କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତିର ଭୂମିକା କଣ?

----

## ଜାଗମରା ଟ୍ରାଫିକ ଛକରୁ NH-5 କୁ ସଂଯୋଗ ରାସ୍ତା ନିର୍ମାଣ ନିମନ୍ତେ ପଦକ୍ଷେପ

*662 **ଶ୍ରୀ ଭାଦବ ହାଁସଦାଃ (ସାରସକଣା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜାଗମରା ଟ୍ରାଫିକ ଛକରୁ ଡୁମୁଡୁମା Cosmopolis ଦେଇ N.H.-5 କୁ ସଂଯୋଗ କରିବାକୁ ଗୋଟିଏ 100 ft ରାସ୍ତା 1994 ମସିହା CDP ଅନୁସାରେ ସ୍ଥାନ ପାଇଥିଲେ ସୁଦ୍ଧା ଦୀର୍ଘ 30 ବର୍ଷ ମଧ୍ୟରେ ଉକ୍ତ ରାସ୍ତାଟି ନହେବାର କାରଣ କଣ ଉକ୍ତ ରାସ୍ତା ନହେବା ଫଳରେ ପ୍ରାୟ ସେହି ଅଞ୍ଚଳର ଲକ୍ଷ ଲକ୍ଷ ଲୋକ ଦୈନନ୍ଦିନ ଯାତାୟତ କରିବାରେ କାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ଅବଗତ ଅଛନ୍ତି କି ପୂର୍ତ୍ତ ବିଭାଗ Division-2, Bhubaneswar ଅଧିନରେ ଥିବା ଉକ୍ତ ରାସ୍ତାର Electrical Division ଏବଂ ଅନ୍ୟ Lying Department Survey କରି BDA ର ଅନୁମୋଦନ ପାଇଁ ପଠାଇଥିଲେ ସୁଦ୍ଧା ଏହି ରାସ୍ତାଟି ନ ହେବାର କାରଣ ସହଏହା କେବେ ସୁଦ୍ଧା ନିର୍ମାଣ ହେବ ? ଏହାଛଡ଼ା ରାଜଧାନୀର ଅଚଳ ପୂର୍ତ୍ତ ବିଭାଗ ରାସ୍ତା ଯଥା:- ସାଲିଆ ସାହି ଠାରୁ Utkal Hospital ନୂତନ ରୋଡ୍ ଓ ଟଙ୍କପାଣି ରୋଡ୍ ଅତି ଦୟନୀୟ ଅବସ୍ଥାରେ ଅଛି, ଏହାର ଶୀଘ୍ର ଉନ୍ନତିକରଣ କରିବାପାଇଁ ପଦକ୍ଷେପ ନେବେକି ?

----

## ପାନ୍ଥନିବାସ ଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ

*663 **କୁମାରୀ ସଞ୍ଜଳି ମୁର୍ମୁ (ବାଙ୍ଗିରିପୋଷି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- କ) ମୟୁରଭଞ୍ଜ ଜିଲ୍ଲାରେ ଥିବା ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ରାଜ୍ୟରୁ ଦେଶର ଅନ୍ୟାନ୍ୟ ରାଜ୍ୟରୁ ଓ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କ ରାତ୍ରିଯାପନ ପାଇଁ କେଉଁ କେଉଁଠାରେ ପାନ୍ଥନିବାସମାନ ନିର୍ମାଣ କରାଯାଇଅଛି, ଉକ୍ତ ପାନ୍ଥନିବାସ ଗୁଡିକରେ ଗତ ତିନି ବର୍ଷ ମଧ୍ୟରେ କେତେ କେତେ ପର୍ଯ୍ୟଟକ ରାତ୍ରୀଯାପନ କରିଛନ୍ତି ଓ ସେଥିରୁ ପ୍ରତି ବର୍ଷ କେତେ କେତେ ରାଜସ୍ୱ ମିଳିଅଛି ତାର ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି, ଏବଂ (ଖ) ଉକ୍ତ ପାନ୍ଥନିବାସଗୁଡିକର ମରାମତି ଓ ରକ୍ଷଣାବେକ୍ଷଣ ପାଇଁ ଗତ ତିନି ବର୍ଷ ମଧ୍ୟରେ କେତେ କେତେ ଅର୍ଥ ଖର୍ଚ୍ଚ କରାଯାଇଅଛି ?

----

## ମଦ ଦୋକାନରେ MGQ ଉଚ୍ଛେଦ ସମ୍ପର୍କରେ

***୬୬୪ ଶ୍ରୀ ଅମରେନ୍ଦ୍ର ଦାସ (ଜଗତସିଂହପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟର ସମସ୍ତ ମଦ ଦୋକାନରେ ଯେଉଁ MGQ (Minimum Guaranteed Quantity ) ରହିଛି ଏହା ଉଚ୍ଛେଦ ହେବାର କୌଣସି ବ୍ୟବସ୍ଥା ରହିଛି କି ?

----

## ଉତ୍ପାଦନ ଭିତ୍ତିକ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସଂଖ୍ୟା

***୬୬୫ ଶ୍ରୀ ଧ୍ରୁବ ଚରଣ ସାହୁ (ରାଜନଗର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ମୋଟ କେତୋଟି ସ୍ୱୟଂ ସହାୟକ ଗୋଷ୍ଠୀ ଉତ୍ପାଦନ ଭିତ୍ତିକ କାର୍ଯ୍ୟକ୍ରମରେ ସକ୍ରିୟ ଅଛନ୍ତି ଓ ସେମାନଙ୍କର ଚଳିତ ଆର୍ଥିକ ବର୍ଷର କାରବାର କେତେ ହେବ ବୋଲି ଆଶା କରାଯାଉଛି, ପୂର୍ବ ତିନି ବର୍ଷ ସହ ଏହାର ତୁଳନାତ୍ମକ ସ୍ଥିତି ଦେବେ କି ଏବଂ ଆଗାମୀ ଆର୍ଥିକ ବର୍ଷରେ ଏହା କେତେ ହେବ ବୋଲି ଆଶା କରାଯାଉଛି, ଏହାକୁ ବଢାଇବା ସକାଶେ କି ପଦକ୍ଷେପ ନିଆଯାଉଛି ?

----

## ଜବର ଦଖଲ ଜମି ଫେରସ୍ତ

***୬୬୬ ଶ୍ରୀ ସନ୍ତୋଷ ଖଟୁଆ (ନୀଳଗିରି):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଏଣ୍ଡୋମେଣ୍ଟ ପରିସର ଭୁକ୍ତ ବିଭିନ୍ନ ମନ୍ଦିର ମାନଙ୍କର କେତେ ଜମି ଅନୋଧିକାରର ଭାବରେ ଜବର ଦଖଲରେ ଅଛି ତାକୁ ଫେରିବା ପାଇଁ କଣ ପଦକ୍ଷେପ ନେବାକୁ ଅଛି ?

----

## ରାଜ୍ୟରେ କାର୍ଯ୍ୟରତ ଥିବା ଶିଶୁ ସୁରକ୍ଷା ଅଧିକାରୀ

***୬୬୭ ଶ୍ରୀ ଟଙ୍କଧର ତ୍ରିପାଠୀ (ଝାରସୁଗୁଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ କେତେ ଜଣ ଶିଶୁ ସୁରକ୍ଷା ଅଧିକାରୀ କାର୍ଯ୍ୟରତ ଅଛନ୍ତି ଏବଂ ଏମାନଙ୍କର ନିଯୁକ୍ତି କେଉଁ କେଉଁ ବର୍ଷ କିଭଳି ଭାବେ ହୋଇଥିଲା, ବିଭିନ୍ନ ଜିଲ୍ଲାରେ ଥିବା ଶିଶୁ ସୁରକ୍ଷା ଅଧିକାରୀମାନଙ୍କର ନାମ, ଗୋଟିଏ ସ୍ଥାନରେ କାର୍ଯ୍ୟ କରିଥିବା ଅବଧି ସଂକ୍ରାନ୍ତରେ ସୂଚନା ପ୍ରଦାନ କରିବେ କି, କେଉଁ କେଉଁ ସୁରକ୍ଷା ଅଧିକାରୀଙ୍କ ନାଁରେ ବିଭାଗ ନିକଟରେ ଅଭିଯୋଗ ହୋଇଛି ଓ ସେହିସବୁ ଅଭିଯୋଗ ଆଧାରରେ ସରକାର କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ?

----

## ଜଗତପୁର - ଚାନ୍ଦବାଲି ରୋଡକୁ ଚାରି (4) ଲେନରେ ପରିଣତ ସମ୍ପର୍କରେ

***୬୬୮ ଶ୍ରୀ ଅରବିନ୍ଦ ମହାପାତ୍ର (ପାଟକୁରା):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତପୁର-ଚାନ୍ଦବାଲି-ଭଦ୍ରକ ରୋଡ କରିଡୋର କଟକ, କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲା ମଧ୍ୟଦେଇ ଯାଇଅଛି, ଏହା ତିନି ଜିଲ୍ଲାର ଜୀବନ ରେଖା, ଏହି ରୋଡ କରିଡୋରରେ ଯାତାୟତ ଜନିତ ଭିଡ ଯୋଗୁ ଅନେକ ଦୁର୍ଘଟଣା ଘଟି ପ୍ରାଣହାନୀ ହେଉଛି, ଏହି ରୋଡକୁ 4 - ଲେନ୍ ମାନକରେ ଉନ୍ନତ କରିବା ପାଇଁ କୌଣସି ପ୍ରସ୍ତାବ ଅଛି କି ଯଦି ହଁ ତେବେ ଏହା କେବେ କାର୍ଯ୍ୟକାରୀ ହେବ, ଯଦି ନାହିଁ ଏହି ରୋଡ କରିଡୋରକୁ 4-ଲେନ୍ ମାନକରେ ଉନ୍ନତ କରିବାପାଇଁ ପଦକ୍ଷେପ ନେବେ କି ?

----

## Funds allocated for developing Makinkeswari Temple

***669 Shri Sagar Charan Das (Bhawanipatna):**

Will the Minister for **Deputy Chief Minister** be pleased to state that:- What has been the fund allocation for developing Makinkeswari Temple protect as a special tourism project in Jagannath temple and Samaleswari temple project and what are the key highlights of the project?

----

## ଅନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଧରିବା

***670 ଶ୍ରୀ ରମେଶ ଚନ୍ଦ୍ର ବେହେରା (ଦଶପଲ୍ଲା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ୨୦୨୨ - ୨୩ ଠାରୁ ୨୦୨୪ - ୨୫ ବର୍ଷ ମଧ୍ୟରେ ବିଭିନ୍ନ ନିଶା କାରବାରରେ ସମ୍ପୃକ୍ତ ଥିବା କେତେ ଜଣ ଅନ୍ତଃରାଜ୍ୟ ନିଶା ବେପାରୀଙ୍କୁ ଧରାଯାଇ କେତେ ପରିମାଣର ମାଦକ ଦ୍ରବ୍ୟ ଜବତ କରାଯାଇଛି, ତାର ସବିଶେଷ ବର୍ଷୱାରୀ ତଥ୍ୟ ପ୍ରଦାନ କରିବେ କି, ଅନ୍ତଃରାଜ୍ୟ ନିଶା କାରବାର ରୋକିବାକୁ କି ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରୁଛନ୍ତି ?

----

## ମହିଳାମାନଙ୍କୁ Mission ଶକ୍ତିରେ ଅନ୍ତର୍ଭୁକ୍ତ

***671 ଶ୍ରୀ ପଦ୍ମଲୋଚନ ପଣ୍ଡା (ସିମୁଳିଆ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମିଶନ ଶକ୍ତି ମାଧ୍ୟମରେ ମହିଳା ମାନଙ୍କୁ ସଶକ୍ତିକରଣ ଓ ସ୍ୱାବଲମ୍ବୀ ଏବଂ ଆତ୍ମ ନିର୍ଭରଶୀଳ କରିବା ପାଇଁ ସରକାର ନେଇଥିବା ପଦକ୍ଷେପ ସ୍ୱାଗତ ଯୋଗ୍ୟ, ଆଉ କିଛି ନୂତନ ପଦକ୍ଷେପ ଅଥବା ଯୋଜନା ସେମାନଙ୍କ ସକାଶେ କରିବା ପାଇଁ ନିଷ୍ପତ୍ତି ନେଉଥାନ୍ତି ତାହାର ଏକ ବିବରଣୀ ଉପସ୍ଥାପନା କରିବେ କି, ଗ୍ରାମାଞ୍ଚଳର ସମସ୍ତ ମହିଳାଙ୍କୁ Mission ଶକ୍ତିରେ ଅନ୍ତର୍ଭୁକ୍ତ କରିବା ପାଇଁ ସରକାରଙ୍କର କିଛି ଯୋଜନା ଅଛି କି ?

----

## ବ୍ଲକ ମାନଙ୍କରେ ଜୁଡିସିଆଲ କୋର୍ଟ (JMFC) ଖୋଲିବା ସମ୍ପର୍କରେ

***672 ଶ୍ରୀ ସୁଦର୍ଶନ ହରିପାଲ (ରେଙ୍ଗାଲି):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ବ୍ଲକ ମାନଙ୍କରେ ଜୁଡିସିଆଲ କୋର୍ଟ ଅର୍ଥାତ JMFC କୋର୍ଟ ଖୋଲିବାର ସରକାରଙ୍କ ବିଚାରରେ ଅଛି କି ଯଦି ଅଛି ତେବେ ସମ୍ବଲପୁର ଜିଲ୍ଲାର କେଉଁ କେଉଁ ବ୍ଲକ ସହିତ ରେଙ୍ଗାଲି ବ୍ଲକରେ କେବେ ଏହି କୋର୍ଟ ଖୋଲାଯିବ ?

----

## ଶିଶୁ ପୁଷ୍ଟିହୀନତା ରୋକିବା ନିମନ୍ତା ପଦକ୍ଷେପ

***673 ଶ୍ରୀ କାଡ୍ରାକା ଆପାଲାସ୍ୱାମି (ରାୟଗଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାୟଗଡା ଜିଲ୍ଲାରେ ଗତ 5 ବର୍ଷ ଠାରୁ ଆଜିଯାଏ ପୁଷ୍ଟିହୀନତା ଶିଶୁଙ୍କ ସ୍ଥିତି କଣ, କେଉଁ ବ୍ଲକ ଓ ସହରାଞ୍ଚଳରେ କେତେ ଜଣ ଶିଶୁଙ୍କ ପୁଷ୍ଟିହୀନତା ଏବଂ ଅତିଶୟ ପୁଷ୍ଟିହୀନତା ଲକ୍ଷଣ ଦେଖାଯାଇଛି, ଏନେଇ କଣ କଣ ପଦକ୍ଷେପ ଗ୍ରହଣ କରାଯାଇଛି, ଗତ ପାଞ୍ଚବର୍ଷ ମଧ୍ୟରେ କେଉଁ ବ୍ଲକ ଏବଂ କେଉଁ ସହରାଞ୍ଚଳରେ କେତେ ଅର୍ଥ ପୁଷ୍ଟିହୀନତାକୁ ନେଇ ଖର୍ଚ୍ଚ କରାଯାଇଛି ?

----

## OBCC ପ୍ରକଳ୍ପର କାର୍ଯ୍ୟ ସମ୍ପର୍କରେ

***674 ଶ୍ରୀ ପ୍ରସନ୍ନ ଆଚାର୍ଯ୍ୟ (ରେଢ଼ାଖୋଲ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡ଼ିଶା ବ୍ରିଜ କନଷ୍ଟ୍ରକସନ କର୍ପରେସନ ଲିମିଟେଡ଼(OBCC ) କୁ କେତୋଟି ନିର୍ମାଣ ପ୍ରକଳ୍ପ ଦିଆଯାଇଅଛି ଏବଂ ସମୟସୀମା ମଧ୍ୟରେ OBCC କେତୋଟି ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି ଏବଂ କେତୋଟି ପ୍ରକଳ୍ପ ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଛି; OBCC ନେଇଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟଗୁଡ଼ିକ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିପାରୁନଥିବାର କାରଣ କଣ ଏବଂ ଏଥିପାଇଁ କେତେ ଆର୍ଥିକ କ୍ଷତି ଘଟିଅଛି ?

----

## ପ୍ରାଚୀନ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀ ମାନ୍ୟତା

***675 ଶ୍ରୀ ରାମ ଚନ୍ଦ୍ର କାଡାମ୍ (ପଟାଙ୍ଗୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ମାହାଙ୍ଗା ନିର୍ବାଚନ ମଣ୍ଡଳୀର କେତେକ ପ୍ରଚିନ ମନ୍ଦିରକୁ ପର୍ଯ୍ୟଟନ ସ୍ଥଳୀ ଘୋଷଣା କରାଯାଇଥିଲେ ହେଁ ଅତିପ୍ରାଚିନ ପ୍ରାୟତଃ ୫ ମ ଶତାବ୍ଦୀରେ ନିର୍ମିତ ଶୈବପୀଠ ଶ୍ରୀ ବୀର କେଦାରଶ୍ୱର ଙ୍କ ମନ୍ଦିରକୁ ଏଥିରୁ ବାଦ୍ ଦିଆଯିବା କଥା ସତ୍ୟ କି ଯଦି ଉତ୍ତର ହଁ ହୁଏ ତେବେ 2017 ମସିହାରୁ ଜିଲ୍ଲା ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗ ସ୍ତରରେ ଏହି ପ୍ରଚୀନ ଶୈବ ପୀଠକୁ ପର୍ଯ୍ୟଟନ ସ୍ଥଳୀ ରୂପେ ଘୋଷଣା କରାବାପାଇଁ ବୈଠକ ଆଲୋଚନା ହୋଇ ଆସୁଥିଲେ ହେଁ ଏପର୍ଯ୍ୟନ୍ତ ନହେବାର କାରଣ କଣ , ଏହି ପ୍ରାଚୀନ ଶୈବ ପୀଠଟିକୁ ପର୍ଯ୍ୟଟନ ସ୍ଥଳୀ ରୂପେ ଘୋଷଣା କରିବେ କି ?

----

## ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ କମ୍ କରିବା

***676 ଶ୍ରୀ ସି.ଏସ୍.ରାଜେନ୍ ଏକ୍କା (ରାଜଗାଙ୍ଗପୁର):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସ୍ୱୀକୃତି ପ୍ରାପ୍ତ ମଦ ଦୋକାନ କମ୍ କରିବାର କିଛି ଯୋଜନା ଅଛି କି, ଯଦି ହଁ ତାହେଲେ ଚଳିତ ଆର୍ଥିକ ବର୍ଷରେ କେତେ ଦୋକାନ କମ୍ ହେବ ?

----

## ମିଶନ ଶକ୍ତି ଫେଡ଼େରେସନକୁ ଆର୍ଥିକ ସହାୟତା

*677 **ଶ୍ରୀ ଲକ୍ଷ୍ମଣ ବାଗ (କଣ୍ଟାବାଞ୍ଜି):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକରେ ମିଶନ ଶକ୍ତି ଅନ୍ତର୍ଗତ ବ୍ଲକ ସ୍ତରୀୟ ଫେଡେରେସନକୁ ବିଗତ ୩ ବର୍ଷରେ କେତେ ଟଙ୍କା ଆବର୍ତ୍ତନ ପାଣ୍ଠି ଆର୍ଥିକ ସହାୟତା ପ୍ରଦାନ କରାଯାଇ କେଉଁ ବ୍ୟବସାୟ ବା ଆବଶ୍ୟକତା ଅନୁଯାୟୀ କେଉଁ ସଦସ୍ୟ ସୟଂ ସହାୟକ ଗୋଷ୍ଠୀକୁ କେତେ ଅର୍ଥ ଋଣ ପ୍ରଦାନ କରାଯାଇଅଛି, ସେଗୁଡିକର ବର୍ତ୍ତମାନ ସ୍ଥିତି କଣ; ତାହାର ସମ୍ପୂର୍ଣ୍ଣ ତଥ୍ୟ ଉପସ୍ଥାପନ କରିବେକି; (ଖ) ୨୦୨୪-୨୫ ବର୍ଷରେ କେଉଁ କେଉଁ ଗ୍ରାମର ମହିଳା ଏସ୍.ଏଚ୍.ଜି. ସଦସ୍ୟଙ୍କୁ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପଦକ୍ଷେପ ବିଷୟରେ ଶିକ୍ଷା ଓ ଅଭିମୁଖୀ କରିବା ପାଇଁ କେଉଁ ବିଭାଗ ସହ ସମନ୍ୱୟ ରକ୍ଷାକରି ତୁରେକେଲା, ବଙ୍ଗୋମୁଣ୍ଡା ଓ ମୁରିବାହାଲ ବ୍ଲକର କେଉଁ ଗ୍ରାମରେ ଆର୍ଥିକ ସାକ୍ଷରତା ଓ କ୍ରେଡିଟ ପରାମର୍ଶ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଅଛି ତାହାର ଗ୍ରାମ ୱାରୀ ସବିଶେଷ ବିବରଣୀ ପ୍ରଦାନ କରିବେକି ?

----

## ମନ୍ଦିର ଗୁଡିକୁ ଦିଆଯାଉଥିବା ଅର୍ଥ

*678 **ଶ୍ରୀ ଦୁର୍ଗା ଚରଣ ତନ୍ତୀ (ରଘୁନାଥପଲ୍ଲୀ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ସରକାରଙ୍କ ଅଧିନରେ କେତୋଟି ମନ୍ଦିର ଅଛି ସେହି ମନ୍ଦିର ଗୁଡିକରୁ ସରକାର ବାର୍ଷିକ କେତେ ଆୟ କରୁଛନ୍ତି ଏବଂ ଉକ୍ତ ମନ୍ଦିର ଗୁଡିକର ଉନ୍ନତି ପାଇଁ ସରକାର କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ?

----

## ପୃଷ୍ଟିହୀନତା ଦୂର କରିବା ନିମନ୍ତେ ପଦକ୍ଷେପ

*679 **ଶ୍ରୀ ଓମ୍ ପ୍ରକାଶ ମିଶ୍ର (ସତ୍ୟବାଦୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ କେଉଁ ଜିଲ୍ଲାରେ କେତେ ଶତାଂଶ ମହିଳା ଓ ଶିଶୁ ପୃଷ୍ଟିହୀନତାର ଶୀକାର ହୋଇଛନ୍ତି ସେମାନଙ୍କ ପୃଷ୍ଟିହୀନତା ଦୂରୀକରଣ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି?

----

## ଶ୍ରୀ ଲୋକନାଥ ମନ୍ଦିର ସହ ଅନ୍ୟ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତାର ଉନ୍ନତି କରଣ

*680 **ଶ୍ରୀ ସୁନିଲ କୁମାର ମହାନ୍ତି (ପୁରୀ):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ପୁରୀ ଶ୍ରୀ ଲୋକନାଥ ମନ୍ଦିର ଏବଂ ପାର୍ବତୀ ସାଗର ପ୍ରକଳ୍ପର କାର୍ଯ୍ୟର ଆଜିକା ଦିନର ସ୍ଥିତି କଣ, କେତେ ପରିମାଣର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି ଏବଂ କେବେ ସୁଦ୍ଧା ଉକ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ, ତା ସହିତ ପୁରୀ ବଡ଼ଦାଣ୍ଡରୁ ଶ୍ରୀ ଲୋକନାଥ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ଓ ବେଳାଭୂମିରୁ ଲୋକନାଥ ମନ୍ଦିରକୁ ସଂଯୋଗ କରୁଥିବା ରାସ୍ତା ଗୁଡ଼ିକର ଉନ୍ନତିକରଣ ପ୍ରସ୍ତାବ ଆଗତ ହୋଇଛି କି; ଯଦି ହଁ, ଏହା କେବେସୁଦ୍ଧା ସମ୍ପୂର୍ଣ୍ଣ କରାଯିବାର ବ୍ୟବସ୍ଥା ହୋଇଛି ?

----

## ପର୍ଯ୍ୟଟନ ଭିତ୍ତିଭୂମି ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ

*681 **ଶ୍ରୀ ବିଭୁତି ଭୁଷଣ ବଳବନ୍ତରାୟ (ଜଟଣୀ):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଖୋର୍ଦ୍ଧା ଜିଲ୍ଲାରେ ପର୍ଯ୍ୟଟନ ଭିତ୍ତିଭୂମି ଉନ୍ନୟନ ପାଇଁ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି ବା କରିବାକୁ ଯାଉଛନ୍ତି ?

----

## ଚୋରାମଦ କାରବାର ରୋକିବା

*682 **ଶ୍ରୀମତୀ ଉପାସନା ମହାପାତ୍ର (ବ୍ରହ୍ମଗିରି):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଓଡିଶାର ସୀମାକୁ ଲାଗିଥିବା ରାଜ୍ୟ ପଶ୍ଚିମବଙ୍ଗ, ଝାଡଖଣ୍ଡ, ଛତିଶଗଡ ଏବଂ ଆନ୍ଧ୍ରପ୍ରଦେଶରୁ ଚୋରା ମଦ ଚାଲାଣ ହେଉଥିବା ସରକାରଙ୍କ ନଜରକୁ ଆସିଛି କି ଯଦି ହଁ ଏହି ସବୁକୁ ରୋକିବା ପାଇଁ କି କି ପଦକ୍ଷେପ ନେଉଛନ୍ତି?

----

## ଲକ୍ଷପତି ଦିଦି ସହାୟିକା ଯୋଜନାର ଲକ୍ଷ୍ୟ

*683 **ଶ୍ରୀ ଗଣେଶ୍ୱର ବେହେରା (କେନ୍ଦ୍ରାପଡା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଲକ୍ଷପତି ଦିଦି ସହାୟିକା ଯୋଜନାର ଲକ୍ଷ୍ୟ କଣ ଓ ଏହି ଯୋଜନାରେ କେଉଁ କେଉଁ ଶ୍ରେଣୀର ମହିଳା କର୍ମଚାରୀ କେତେ ସଂଖ୍ୟାରେ ଓ କେତେ ପାରିଶ୍ରମିକରେ ନିଯୁକ୍ତି ପାଇବେ ଓ ଏହି ଯୋଜନାର ଅବଧି କେତେ?

----

## Provision of Health Insurance to Lawyers

*684 **Smt. Sofia Firdous (Barabati-Cuttack):**

Will the Minister for **Law** be pleased to state that:- Whether the government is considering providing health insurance coverage to lawyers, recognizing their essential role in the legal system and the challenges they face in accessing healthcare; If so, what steps are being taken to introduce such a scheme and what will be the eligibility criteria for lawyers to benefit from this health insurance?

----

## ଶିଶୁ ଅପପୃଷ୍ଟି ରୋକିବା ନିମନ୍ତେ ପଦକ୍ଷେପ

***685 ଶ୍ରୀ ତାରା ପ୍ରସାଦ ବାହିନୀପତି (ଜୟପୁର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ଗତ 5 ବର୍ଷ ମଧ୍ୟରେ କେତେ ସଂଖ୍ୟକ ଶିଶୁ ଅପପୃଷ୍ଟିର ଶିକାର ହୋଇଛନ୍ତି, ଏହାର ଜିଲ୍ଲାୱାରୀ ତାଲିକା ପ୍ରଦାନ କରିବେକି, କୁପୋଷଣକୁ ରୋକିବା ନିମନ୍ତେ ରାଜ୍ୟ ସରକାର କି ପଦକ୍ଷେପ ଗ୍ରହଣ କରିଛନ୍ତି?

----

## ରାଜ୍ୟ ରାଜପଥକୁ ଜାତୀୟ ରାଜପଥ ମାନ୍ୟତା

***686 ଡ଼ଃ ଅରୁଣ କୁମାର ସାହୁ (ନୟାଗଡ଼):**

**ନିର୍ମାଣ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଚଳିତ ଆର୍ଥିକ ବର୍ଷ ୨୦୨୪-୨୫ରେ କେଉଁ କେଉଁ ରାଜ୍ୟ ରାଜପଥକୁ ଜାତୀୟ ରାଜପଥ ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରାଯାଇଛି, ପୂର୍ବରୁ କେଉଁ କେଉଁ ରାଜ୍ୟ ରାଜପଥ ସୁପାରିଶ ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ପଡି ରହିଛି, ରାଜ୍ୟ ସରକାର ଏହା ଉପରେ କ'ଣ କ'ଣ ପଦକ୍ଷେପ ନେଇଛନ୍ତି, (ଖ) RD ବିଭାଗ ଅଧୀନରେ ଥିବା କେତେଗୋଟି ରାସ୍ତା ପୂର୍ତ୍ତ ବିଭାଗ ଅଧିନକୁ ଯିବାକୁ ରହିଛି, ତାହାର ଏକ ଜିଲ୍ଲା ୱାରୀ ତାଲିକା ପ୍ରଦାନ କରିବେ କି, ୨୦୨୪-୨୫ ଆର୍ଥିକ ବର୍ଷରେ କେଉଁ କେଉଁ RD ରାସ୍ତାକୁ ପୂର୍ତ୍ତ ବିଭାଗ ଅଧୀନକୁ ଅଣାଯାଇଛି ଜିଲ୍ଲା ୱାରୀ ତାଲିକା ଦେବେ କି ?

----

## ବାଲେଶ୍ୱର ଜିଲ୍ଲାରେ tourism ପ୍ରକଳ୍ପର କାର୍ଯ୍ୟ ଆରମ୍ଭ

***687 ଶ୍ରୀ ମାନସ କୁମାର ଦତ୍ତ (ବାଲେଶ୍ୱର):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ଓଡ଼ିଶାରେ ଅଦ୍ୟାବଧି କେଉଁ ପର୍ଯ୍ୟଟନ ସ୍ଥଳୀକୁ କେତେ ଅର୍ଥ ଦିଆଯାଇ ଖର୍ଚ୍ଚ ହୋଇପାରିନାହିଁ ତାହାର ଏକ ପରିସଂଖ୍ୟାନ ଜିଲ୍ଲା ୱାରି ପ୍ରଦାନ କରିବେ କି, ଚଳିତ ଆର୍ଥିକ ବର୍ଷରେ କେତେଗୋଟି ପର୍ଯ୍ୟଟନ ସ୍ଥଳୀ ଓ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ବିଭାଗ କେଉଁ ଯୋଜନାରେ କେତେ ଅର୍ଥ ଖର୍ଚ୍ଚ କରିବେ, (ଖ) ବାଲେଶ୍ୱର ଜିଲ୍ଲାରେ ଅଦ୍ୟାବଧି ପର୍ଯ୍ୟଟନ ବିଭାଗ ପକ୍ଷରୁ କେତେ ଅର୍ଥର ଅନୁମୋଦିତ ହୋଇଥିବା ପ୍ରକଳ୍ପ ଗୁଡିକରୁ କାର୍ଯ୍ୟାରମ୍ଭ ହୋଇନଥିବା କାରଣ କଣ, ଉକ୍ତ ପ୍ରକଳ୍ପ ଗୁଡିକର DPR ପ୍ରସ୍ତୁତ ହୋଇଛି କି, ଯଦି ହଁ, ତାହାର ତଥ୍ୟ ଏବଂ ଚଳିତ ଆର୍ଥିକ ବର୍ଷରେ ବାଲେଶ୍ୱର ପାଇଁ tourism ବିଭାଗର Action plan ଅର୍ଥ ବ୍ୟୟ ବରାଦର ସମ୍ପୂର୍ଣ୍ଣ ତଥ୍ୟ ପ୍ରଦାନ କରିବେ କି ?

----

## ମଦ ଦୋକାନ ଗୁଡିକର ସଂଖ୍ୟା ଓ ରାଜସ୍ୱ ପରିମାଣ

***688 ଶ୍ରୀ ଅଖିଳ ଚନ୍ଦ୍ର ନାଏକ (ପାଟଣା):**

**ଅବକାରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ରାଜ୍ୟରେ ବର୍ତ୍ତମାନ ଦେଶୀ, ବିଦେଶୀ ଓ ଅନ୍ୟାନ୍ୟ ମଦ ଦୋକାନ ସଂଖ୍ୟା କେତେ, ଗତ 10 ବର୍ଷ ମଧ୍ୟରେ ମଦ ଦୋକାନ ସଂଖ୍ୟା ଓ ମିଳିଥିବା ରାଜସ୍ୱ ପରିମାଣ ର ବର୍ଷୱାରୀ ହିସାବ ପ୍ରଦାନ କରିବେ କି ?

----

## କାର୍ଯ୍ୟରତ ମିଶନ ଶକ୍ତି ମହିଳାଙ୍କ ସଂଖ୍ୟା

***୬୪୨ ଶ୍ରୀମତୀ ସୁବାସିନୀ ଜେନା (ବସ୍ତା):**

**ଉପ ମୁଖ୍ୟମନ୍ତ୍ରୀ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- (କ) ବାଲେଶ୍ୱର ଜିଲ୍ଲାରେ ବର୍ତ୍ତମାନ କେତେଜଣ ମହିଳା ମିଶନ ଶକ୍ତିରେ କାର୍ଯ୍ୟ କରୁଛନ୍ତି, (ଖ)ସେମାନେ କେଉଁ କେଉଁ କ୍ଷତ୍ରରେ କାର୍ଯ୍ୟ କରୁଛନ୍ତି ବ୍ଲକୱାରୀ ତଥ୍ୟ ପ୍ରଦାନ କରିବେ କି ?

----

## ମା ଶାରଳା ଠାକୁରାଣୀଙ୍କ ମନ୍ଦିର ପରିଚାଳନା ସମ୍ପର୍କରେ

***୬୨୦ ଡ଼ଃ ରମାକାନ୍ତ ଭୋଇ (ତିର୍ତ୍ତୋଲ):**

**ଆଇନ** ମନ୍ତ୍ରୀ ଅନୁଗ୍ରହ କରି କହିବେ କି:- ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀର କନକପୁର ପଞ୍ଚାୟତର ବାଣୀକ୍ଷେତ୍ର ଝଙ୍କଡ଼ର ଅଧିଷ୍ଠାତ୍ରୀ ମା ଶାରଳା ଠାକୁରାଣୀଙ୍କ ମନ୍ଦିର ପରିଚାଳନା କମିଟିର ଦୀର୍ଘ ବର୍ଷ ବର୍ଷ ଧରି ଟ୍ରଷ୍ଟ ବୋର୍ଡ ଗଠନ କରାଯାଇନଥିବାରୁ ସୋଲଟ୍ରଷ୍ଟି ଭାବେ ଜଗତସିଂହପୁର ଜିଲ୍ଲାପାଳ ଦାୟୀତ୍ୱରେ ଅଛନ୍ତି,ନୂତନ ଟ୍ରଷ୍ଟବୋର୍ଡ଼ ଗଠନ ପାଇଁ ବିଭାଗ ତରଫରୁ କେବେ ବିଜ୍ଞପ୍ତି ପ୍ରକାଶ ପାଇବ, ଶାରଳା ମନ୍ଦିର ରୁପାନ୍ତୀକରଣ ପାଇଁ 02.06.2022 ରେ ରାଜ୍ୟ ସରକାର 42 କୋଟି ଟଙ୍କା ଆର୍ଥିକ ଅନୁଦାନ ପ୍ରଦାନ କରାଯାଇ ମାତ୍ର 18 ମାସ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ଘୋଷଣା କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ସବୁ ନିର୍ମାଣ କାର୍ଯ୍ୟ ଅଧା ହୋଇଅଛି, କେବେ ଏହି କାର୍ଯ୍ୟର ସମ୍ପୂର୍ଣ୍ଣ ହେବ ?

----